## ସଂକ୍ଷେପରେ

### ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାର୍ଷିକ କ୍ରୀଡ଼ା ପ୍ରସ୍ତୁତି



ପାପଡ଼ାହାଣ୍ଡି,୯।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶି ଉଚ୍ଚ ବିଦ୍ୟାଳୟ ଠାରେ ୧୨ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳା ଆୟୋଜନ ସମିତି ସମ୍ପାଦକ ତଥା ଶିରିଶି ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମକୃଷ୍ଣ ପ୍ରଧାନୀଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ପାପଡ଼ାହାଣ୍ଡି ବିଇଓ ବିରେନ୍ଦ୍ର କୁମାର ପାଢ଼ୀ ସଭାପତିତ୍ୱ କରିଥିଲେ। ବୈଠକରେ କାର୍ଯ୍ୟକ୍ରମର ସୁପରିଚାଳନା ତଥା ସଫଳ ରୂପାୟନ ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇଛି। ଏବିଇଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ ଓ ବାଲକ ଦାସ ରନ୍ଧାରୀ ନିଜ ନିଜର ସୁଚିନ୍ତିତ ମତାମତ ତଥା ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକର ସମସ୍ତ ସିଆର୍‌ସିସି, ଶିକ୍ଷକ ସଂଘ କର୍ମକର୍ତ୍ତା ଏବଂ ମେଳା ଆୟୋଜନ ପାଇଁ ଚୟନ କରାଯାଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ଦଲେଇଗୁଡ଼ା ଠାରେ ବାର୍ଷିକ କ୍ରୀଡ଼ା ନେଇ ଏକ ପ୍ରସ୍ତୁତି ବୈଠକ ବିଇଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖ ମଧ୍ୟରେ ବିଦ୍ୟାଳୟ ସ୍ତରୀୟ ଓ ୨୦ ତାରିଖ ମଧ୍ୟରେ ବ୍ଲକ ସ୍ତରୀୟ ବାର୍ଷିକ କ୍ରୀଡ଼ା ଆୟୋଜନ ନେଇ ଆଲୋଚନା ହୋଇଥିଲା। ଏବିଇଓଙ୍କ ସମେତ ବିଦ୍ୟାଳୟ ଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଉପସ୍ଥିତ ଥିଲେ।

### ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉଦ୍‌ଘାଟିତ

କୋରାପୁଟ,୯।୧୨(ସ୍ୱ.ପ୍ର.)- କୋରାପୁଟସ୍ଥିତ ରେଲବାଇ ପଡିଆରେ ଶୁକ୍ରବାର କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ । କୋରାପୁଟରେ କ୍ରୀଡାର ବିକାଶ କରିବା ଆଉଟ ଡୋର ସ୍ପୋଟସ କମ୍ପ୍ଲେକ୍ସ କରାଯାଉଛି । ସେଠାରେ ଆଗାମୀ ଦିନରେ କ୍ରୀଡା ପ୍ରତିଯୋଗିତା କରାଯିବ। ଏହାଦ୍ୱାରା ଜିଲାର କ୍ରୀଡାବିତ ମାନେ ଉପକୃତ ହେବେ ବୋଲି ତ୍ରିପାଠୀ କହିଥିଲେ। ଶୃଙ୍ଖଳା ଓ ଯେକୌଣସି ଗୋଟିଏ କ୍ରୀଡାରେ ଫୋକସ କରି ନିରନ୍ତର ଅଭ୍ୟାସ କଲେ ଜଣେ ସଫଳ କ୍ରୀଡାବିତ ହୋଇପାରିବ ବୋଲି ସେ ଛାତ୍ରୀଛାତ୍ରଙ୍କୁ ବୁଝାଇ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତ ସଭାପତି କାମାକ୍ଷା ପ୍ରସାଦ ପାଢ଼ୀ,ସମ୍ପାଦକ ପ୍ରଭାତ ମାଝୀ,ଉପ ସଭାପତି ଗୌରୀ ବାଈ, ଯୁଗ୍ମ ସମ୍ପାଦକ ବିଭୁ ପ୍ରସାଦ ନାୟକ ଓ ସଦସ୍ୟା ସସ୍ମିତାରାଣୀ ବେହେରା ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ଅତିଥି ପରିଚୟ ଦେଇଥିଲେ। କ୍ରୀଡା ଶିକ୍ଷକ ପୂରବ ମୁଦୁଲି ପରିଚାଳନା କରିଥିଲେ । ପ୍ରାୟ ୫୦୦ ଛାତ୍ରୀଛାତ୍ର ଦୌଡ, ଲମ୍ବଡିଆଁ, ଉଚ୍ଚଡିଆ, ଶର୍ଟପୁଟ,ଡିସକସ ଥ୍ରୋରେ ଅଂଶଗ୍ରହଣ କରିଥିଲେ।

# ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ ଅଧକ୍ଷ, ଉପାଧକ୍ଷା

ନବରଙ୍ଗପୁର,୯।୧୨(ବି.ପ୍ର.)

ନବରଙ୍ଗପୁର ଜିଲାର ଲୋକ ମହୋତ୍ସବ ମଣ୍ଡେଇ ଡିସେମ୍ବର ଶନିବାର ଠାରୁ ଆରମ୍ଭ ହେଉଛି। ଏହା ୧୪ ପର୍ଯ୍ୟନ୍ତ ମହା ଆଡମ୍ବରରେ ଆୟୋଜନ କରାଯିବ। ତେବେ ଏହି ମହୋତ୍ସବରେ ପୌରାଧକ୍ଷ, ଉପାଧକ୍ଷା ଓ କାଉନସିଲର ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ନବରଙ୍ଗପୁର ପୌରାଧକ୍ଷ, ଉପାଧକ୍ଷା ଓ କାଉନସିଲର ମାନେ ଶୁକ୍ରବାର ପୌର କାର୍ଯ୍ୟାଳୟ ଠାରେ ପ୍ରତିବାଦ କରିଥିଲେ। ବିଗତ ମଣ୍ଡେଇ ମହୋତ୍ସବରେ ନବରଙ୍ଗପୁର ପୌରାଧକ୍ଷ ଏବଂ କାଉନସିଲରଙ୍କ ସହଯୋଗରେ ସହରରେ ବିଶାଳ ମଣ୍ଡେଇ ଶୋଭାଯାତ୍ରା ଆୟୋଜନ କରାଯାଉଥିଲା। ସମସ୍ତ କାଉନସିଲର ନିଜ ନିଜ ୱାର୍ଡରୁ ନିଜ ଖର୍ଚ୍ଚରେ ଶତାଧିକ ଲୋକଙ୍କୁ ନେଇ ବିଭିନ୍ନ ଲୋକନୃତ୍ୟର ଆୟୋଜନ କରିବା ସହ ମଣ୍ଡେଇ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ଶୋଭାଯାତ୍ରାକୁ ସଫଳ କରୁଥିଲେ। ହେଲେ ଚଳିତ ବର୍ଷ ମଣ୍ଡେଇରେ ଏହାକୁ ଅଣଦେଖା କରାଯାଇଥିବା ଅଧକ୍ଷ, ଉପାଧକ୍ଷା ଓ ସମସ୍ତ କାଉନସିଲର ଅଭିଯୋଗ କରିଛନ୍ତି।



ଧାରଣାରେ ବସିଥିବା ନବରଙ୍ଗପୁର ପୌରାଧକ୍ଷ, ଉପାଧକ୍ଷା ଓ କାଉନସିଲରମାନେ ।

ଚଳିତ ଥର ମଣ୍ଡେଇରେ ପୌରାଧକ୍ଷ, ଉପାଧକ୍ଷାଙ୍କ ନାମ ମୁଖ୍ୟ ମଣ୍ଡେଇ ପର୍ବର ନିମନ୍ତ୍ରଣ ପତ୍ରରେ ରଖାଯାଇନାହିଁ। ଏହାକୁ ନେଇ ପୌରପାଳିକାର କାଉନସିଲର ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ଲୁକାୟିତ କଳା ଓ ସଂସ୍କୃତିକୁ ଲୋକଲୋଚନକୁ ଆଣିବା ମଣ୍ଡେଇ ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ତେବେ ଜିଲା ପ୍ରଶାସନ ଏହି ମହାପର୍ବରେ ସେମାନଙ୍କୁ କାହିଁକି ସାମିଲ କରିନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ଉଦ୍ଦେଶ୍ୟରେ ପୌରପାଳିକାକୁ ମଣ୍ଡେଇ ଶୋଭାଯାତ୍ରା

**ମଣ୍ଡେଇରେ ପୌରାଧକ୍ଷ, ଉପାଧକ୍ଷା, କାଉନସିଲରଙ୍କୁ ଅଣଦେଖା**

ଆୟୋଜନର ଦାୟିତ୍ୱ ଦିଆଯାଇନାହିଁ ବୋଲି କାଉନସିଲର ମାନେ ପ୍ରଶ୍ନ କରିଛନ୍ତି। ନବରଙ୍ଗପୁର ଜିଲା ଲୋକ ମହୋତ୍ସବ ମଣ୍ଡେଇରେ ନବରଙ୍ଗପୁର ପୌରାଧକ୍ଷ, ଉପାଧକ୍ଷା ଓ କାଉନସିଲର ମାନେ ମହୋତ୍ସବ ପାଳନ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। ସହରର ମୁଖ୍ୟ ସ୍ଥାନ ମାନଙ୍କରେ ମଣ୍ଡେଇ ଶୁଭେଚ୍ଛା ଫ୍ଲେକ୍ସ ଲଗାଇବା, ପୌରପାଳିକା ପକ୍ଷରୁ ଆର୍ଥିକ ସହାୟତା, ବିଭିନ୍ନ ପ୍ରତିଯୋଗିତାରେ ସହଯୋଗ, ସଫେଇ କାର୍ଯ୍ୟ ଆଦିରେ ସହଯୋଗ କରାଯାଉଛି। ହେଲେ ପ୍ରଶାସନ ପକ୍ଷରୁ ଏଭଳି ଅଣଦେଖା କରାଯିବାକୁ ନେଇ ଅଧକ୍ଷ କୁନୁ ନାୟକ, ଉପାଧକ୍ଷା ସୌମ୍ୟ ମହାପାତ୍ର ଓ କାଉନସିଲର ଏ . ସତୀଶ, ନଗେନ୍ଦ୍ର ପଟ୍ଟନାୟକ, କେଶବ ରାଜୁ, ଅମିତ ପ୍ରଧାନ, ଶର୍ମିଷ୍ଠା ଦେଓ, ଅଲେଖ ସୌରା, ସନ୍ତୋଷୀ ଜାନି, ପୁନମ୍ ସାହୁ, ଗୀତାଞ୍ଜଳି ଯାଦବ, ରାଜେଶ୍ୱରୀ, ଉଷାରାଣୀ ପ୍ରମୁଖ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

# ବ୍ଲକ ଅଧକ୍ଷା, ସାକ୍ଷୀଙ୍କ ବୟାନ ରେକର୍ଡ

ଗୁଣପୁର,୯।୧୨(ଡି.ଏନ୍.ଏ.)

ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କ ନାମରେ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବ୍ଲକ ଅଧକ୍ଷା ଝିଲି ଶବର ଗତ ୨ ତାରିଖରେ ୱାନ୍‌ସିସି ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଶୁକ୍ରବାର କୋର୍ଟ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ବ୍ଲକ ଅଧକ୍ଷା ଝିଲି ଶବର ଏସ୍‌ଡିଜେଏମ୍ ଶାନ୍ତଶ୍ରୀ ମହାନ୍ତିଙ୍କ ନିକଟରେ ହାଜର ହୋଇ ମାମଲା ଉପରେ ନିଜ ବୟାନ ରଖିଥିଲେ। ଅଭିଯୋଗ ପ୍ରକାରେ ଝିଲି ଶବରଙ୍କ ବୟାନ ରେକର୍ଡ କରାଯାଇଥିଲା। ଏଥିସହ ବ୍ଲକ ଉପାଧକ୍ଷ ସୁଦର୍ଶନ ଶବର ଏବଂ ଡମ୍ବସରା ସରପଞ୍ଚ ସନ୍ତୋଷୀ ଶବର ପ୍ରମୁଖ ସାକ୍ଷୀଭାବେ ନିଜ ବୟାନ ରଖିଥିଲେ। ୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯିବା ପରେ ଡିସେମ୍ବର ୧୬ରେ ଅନ୍ୟ ସାକ୍ଷୀଙ୍କ ବୟାନ ରେକର୍ଡ ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି।

ସୂଚନାଯୋଗ୍ୟ, ଗତ ୨ତାରିଖରେ ବ୍ଲକ ଅଧକ୍ଷା ୱାନ୍‌ସିସି ନଂ.୨୮/୨୨, ଦଫା ୫୦୦, ୫୦୩, ୫୦୬ କ୍ରମରେ ମାମଲା ଦାଖଲ କରିଥିଲେ। ଝିଲିଙ୍କ ଅଭିଯୋଗକ୍ରମେ ଓକିଲ ଉମାଚରଣ ପଟ୍ଟନାୟକ ଏ ନେଇ କୋର୍ଟରେ ମାମଲା ରୁଜୁ କରିଥିଲେ। ନଭେମ୍ବର ୨୯ରେ ଜନଶୁଣାଣି କାର୍ଯ୍ୟକ୍ରମ ପରେ ବିଡିଓ ଅଧକ୍ଷାଙ୍କ କକ୍ଷକୁ ଆସି ତୁମେ ଜଣେ ଅଶିକ୍ଷିତ ଆଦିବାସୀ ମହିଳା। ତୁମର ବୁଦ୍ଧିଜ୍ଞାନ କିଛି ନାହିଁ। ବ୍ୟବହାର ଶିଖିନାହଁ,

**ବିଡିଓଙ୍କ ନାଁରେ ଗୁଣପୁର କୋର୍ଟରେ ୱାନ୍‌ସିସି ପ୍ରସଙ୍ଗ**

ଲୋକଙ୍କୁ ଟଙ୍କା ଦେଇ ଭୋଟ କିଣି ଅଧକ୍ଷା ହୋଇଛ। ତେଣୁ ଯେମିତି କୁହାଯାଉଛି ଶୁଣ ନଚେତ୍ ତୁମ ନାମରେ ପୋଲିସ କେସ୍ କରାଯିବ ବୋଲି ବିଡିଓ ଅଧକ୍ଷାଙ୍କୁ ଧମକ ଦେଇଥିବା ବ୍ଲକ ଅଧକ୍ଷା ଶବର ଅଭିଯୋଗ କରିଥିଲେ। ଏଭଳି ଅପମାନ ଦ୍ୱାରା ମାନହାନି ହୋଇଥିବା ଏବଂ ଜୀବନ ପ୍ରତି ମଧ ବିପଦ ରହିଥିବା ନେଇ ଅଧକ୍ଷା କହିଥିଲେ। ଏହାପରେ ସେ ହାଇକୋର୍ଟରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଗତ ୨୨ତାରିଖରେ ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ଅଧକ୍ଷାଙ୍କ ଗୋଷ୍ଠୀ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହାପରେ ବିଡିଓ ୨୩ ତାରିଖରେ ଗୁଣପୁର ଥାନାରେ ଅଧକ୍ଷାଙ୍କ ଭାଇ ମଧୁସୂଦନ ଶବରଙ୍କ ସମେତ ସନ୍ତୋଷ ରଥ ଏବଂ ଚାନ୍ଦ ପାଳଙ୍କ ନାମରେ ଏତଲା ଦେଇଥିଲେ। ୨୫ ତାରିଖରେ ବିଜେଡି ପକ୍ଷରୁ ପୌର ପରିଷଦ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇ ପୌର ପରିଷଦରେ ଅଧକ୍ଷା ଏବଂ ତାଙ୍କ ସ୍ୱାମୀ ଦୁର୍ନୀତି କରୁଥିବା ଅଭିଯୋଗ କରିଥିଲେ। ରାତିରେ ଗୁଣପୁର ପୋଲିସ ମଧୁସୂଦନଙ୍କୁ ଗିରଫ କରିଥିଲା। ଏପରି ବିଡିଓ ଏବଂ ଅଧକ୍ଷାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

# ହତ୍ୟା ପାଇଁ ରଖାଯାଇଥିଲା ବୋମା

ରାୟଗଡ଼ା ଅଫିସ,୯।୧୨

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ସୁଙ୍ଗେର ଗ୍ରାମରେ ବୁଧବାର ଜଣେ ବ୍ୟକ୍ତିଙ୍କ ଘର ପଛପାର୍ଶ୍ୱ ପାଇଖାନାରେ ବୋମା ଲୁଚାଇ ରଖାଯାଇଥିବା ମାମଲାରେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ମାଓବାଦୀ ପରିଚ ଦେଇ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବୋମା ରଖାଯାଇଥିଲା ବୋଲି ଏସ୍‌ପି ବିବେକାନନ୍ଦ ଶର୍ମା ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜଣେ ବ୍ୟକ୍ତିଙ୍କୁ ମାଓବାଦୀର ପରିଚୟ ଦେଇ ଅଭିଯୁକ୍ତମାନେ ୫ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ହତ୍ୟା କରିବାକୁ ତାଙ୍କୁ ଧମକ ଦେଇଥିଲେ। ଏ ନେଇ ଧମକର ଶିକାର ହୋଇଥିବା ବ୍ୟକ୍ତି ପୋଲିସକୁ ଜଣାଇଥିଲେ। ପରେ ଅଭିଯୋଗକାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବୋମା ରଖାଯାଇଥିବା ପୋଲିସ ସୂଚନା ପାଇଥିଲା। ଜିଲା ପୋଲିସ, ସିଆର୍‌ପିଏଫ୍ ଏବଂ ଡିଭିଏଫ୍ ଯବାନ ବହୁ ଖୋଜାଖୋଜି କରି ପାଇଖାନାରୁ ବୋମାକୁ ଠାବ କରିଥିଲେ। ବୋମା ନିଷ୍କ୍ରିୟକାରୀ ଦଳ ସତର୍କତାର ସହ



ଖବରଦାତା ସମ୍ମିଳନୀରେ ଏସ୍‌ପି ଘଟଣା ବିଷୟରେ ସୂଚନା ଦେଉଛନ୍ତି ।

- ପାଇଖାନାରେ ବୋମା ଲୁଚାଇବା ମାମଲା, ୬ ଗିରଫ
- ମଓବାଦୀ ପରିଚୟ ଦେଇ ଟଙ୍କା ମାଗିଥିଲେ
- ରଜ୍ୟ ବାହାରୁ ବୋମା ପ୍ରସ୍ତୁତି ସାମଗ୍ରୀ ଆଣିଥିବା ସନ୍ଦେହ

ବୋମାକୁ ନିଷ୍କ୍ରିୟ କରିଥିଲେ। ପୋଲିସ ରାୟଗଡ଼ା ଏବଂ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ନିଷ୍କ୍ରିୟ କରାଯାଇଥିବା ବୋମା ୨୦୦ ଗ୍ରାମ୍‌ର ୫ ଜିଲୋଟିନ୍, ୧୦ ଟି ଇଲେକ୍ଟ୍ରୋନିକ୍ ଡିଟୋନେଟର୍, ୫ ମିଟର ବିଦ୍ୟୁତ୍ ତାରରେ ବୋମା ପ୍ରସ୍ତୁତ ହୋଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ଠାରୁ ୪ଟି ମୋବାଇଲ, ସିଲିଣ୍ଡର ଏବଂ ଡିଜିଟାଲ ୱାଚ୍ ଜବତ କରାଯାଇଛି। ଏ ନେଇ ୧୫୯/୨୨ରେ ପୋଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ବୋମା ପ୍ରସ୍ତୁତି ନିମନ୍ତେ ବାହାର ରାଜ୍ୟରୁ ସମସ୍ତ ସାମଗ୍ରୀ ଆଣିଥିବା ସନ୍ଦେହ କରାଯାଉଛି। ବୋମା ଠାବ, ନିଷ୍କ୍ରିୟ ଏବଂ ତଦନ୍ତରେ ରାୟଗଡ଼ା ଏସ୍‌ଡିପିଓ ଦେବଜ୍ୟୋତି ଦାସ, କାଶୀପୁର ଥାନା ଅଧିକାରୀ ପଦ୍ମା ମୁଝୁ ପ୍ରମୁଖ ସାମିଲ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କ ନାମ ଏବଂ ଠିକଣା ବିଷୟରେ ପୋଲିସ ସୂଚନା ଦେଇନାହିଁ।

### ବିଦ୍ୟାଳୟ ସ୍ତରରେ କ୍ରୀଡା ପରିଚାଳନା ନେଇ ବୈଠକ

ଡାବୁଗାଁ, ୯।୧୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟ ସ୍ତରରେ କ୍ରୀଡା ପରିଚାଳନା ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ଶିକ୍ଷା ଅଧିକାରୀ ଶିବଶଙ୍କର ମଣ୍ଡଳଙ୍କ ସଭାପତିତ୍ୱ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୨୦୨୩ରେ ଓଡ଼ିଶାରେ ହକି ବିଶ୍ୱକପ କ୍ରୀଡା ଆୟୋଜନ ହେଉଥିବାରୁ ରାଜ୍ୟର ପ୍ରତି ଗ୍ରାମାଞ୍ଚଳରେ ବିଦ୍ୟାଳୟ ସ୍ତରରେ ଖେଳର ଉତ୍ସବ ସୃଷ୍ଟି ହେବ। ଡାବୁଗାଁ ବ୍ଲକରେ ମଧ ବିଦ୍ୟାଳୟ ସ୍ତରରୁ ଆରମ୍ଭ ହୋଇ ବ୍ଲକ ସ୍ତରରେ କ୍ରୀଡା ପ୍ରତିଯୋଗିତା ହେବ। ଏଥିରେ ୧୨ରୁ ୧୪ ବର୍ଷ ଓ ୧୪ରୁ ୧୭ ବର୍ଷ ବୟସ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମଧ୍ୟରେ କବାଡି, ଖୋଖୋ, ଉଚ୍ଚଡିଆଁ, ଲମ୍ବଡିଆଁ ଓ ଦୌଡ ପ୍ରତିଯୋଗିତା କରାଯିବାକୁ ସ୍ଥିର ହୋଇଛି। ଆସନ୍ତା



ଡିସେମ୍ବର ୧୪ ଓ ୧୫ ତାରିଖ ବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ହୋଇ ୧୮ ଓ ୧୯ରେ ବ୍ଲକ ସ୍ତରରେ କ୍ରୀଡା ପ୍ରତିଯୋଗିତା ହେବ । ବୈଠକରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଭଗବାନ ମାଝି, ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ, ଖେଳ ଶିକ୍ଷକ ହେମନ୍ତ ସାମଲ, ରଞ୍ଜନ ପରିଡା, ଭଗବତ ମୁର୍ମୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀକାନ୍ତ ପଣ୍ଡା, ଧନଞ୍ଜୟ ବଡଜେନା, ପିଙ୍କି ଗୁପ୍ତା, ଗୀତାଞ୍ଜଳି ବସ୍ତିଆ, ପ୍ରସନ୍ନ ଦଣ୍ଡସେନା, ଗୁପ୍ତ ପ୍ରସାଦ ନାଗ, ହେମେନ୍ଦ୍ର ବେହେରା ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ନିଯୁକ୍ତିମେଳାରେ ୪୮୬ ଜଣଙ୍କୁ ଚୟନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଉମରକୋଟ,୯।୧୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲାର ୫ ବ୍ଲକର ଯୁବତୀ ଯୁବକଙ୍କୁ ନିଯୁକ୍ତି ଯୋଗାଇଦେବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଜିଲାସ୍ତରୀୟ ନିଯୁକ୍ତିମେଳା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ନବରଙ୍ଗପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଉମରକୋଟ ସ୍ଥିତ ଡିଏନ୍‌କେ ପରେଡ୍ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉମରକୋଟ, ଡାବୁଗାଁ, ଝରିଗାଁ, ରାଇଘର ଏବଂ ଚନ୍ଦାହାଣ୍ଡି ବ୍ଲକର ଶତାଧିକ ଶିକ୍ଷିତ ଯୁବତୀ ଯୁବକ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ନିଯୁକ୍ତିମେଳାକୁ ଆସିଥିବା ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିବା ସହ ମନପସନ୍ଦ ସଂସ୍ଥାର ଅଧିକାରୀଙ୍କ ସହ ଆଲୋଚନା କରି ସଂସ୍ଥା ସହ ଯୋଡ଼ି ହୁଅନ୍ତୁ ବୋଲି କହିଥିଲେ।

ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତିମେଳା ମାଧ୍ୟମରେ ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ଆର୍ଥିକ ସ୍ଥିତି ମଜଭୁତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ତେଣୁ ଏହାର ଲାଭ ଉଠାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ନିଯୁକ୍ତିମେଳାରେ ୨୧ ସଂସ୍ଥା କର୍ମନିଯୁକ୍ତି ଦେବା ପାଇଁ ଆସିଥିବା ବେଳେ ୫୪୩ ଜଣ ରେଜିଷ୍ଟ୍ରେଶନ କରିଥିଲେ। ସେଥିମଧ୍ୟରୁ ୪୮୬ ଜଣଙ୍କୁ ଚୟନ କରାଯାଇଛି ବୋଲି ଜିଲା କର୍ମନିଯୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ ସୂଚନା ଦେଇଛନ୍ତି। ନିଯୁକ୍ତିମେଳାରେ ମେଡ୍‌ପ୍ଲସ୍,ଏସ୍‌ଆଇଏସ୍ ସିକ୍ୟୁରିଟି, ଅସ୍ମିତା ହୋଲିଡେ, ଇଣ୍ଡସ୍‌ଲ୍ୟାଣ୍ଡ ବ୍ୟାଙ୍କ ଭଳି ଅନେକ ସଂସ୍ଥାର ଅଧିକାରୀ ଉପସ୍ଥିତ ଥିଲେ। ନିଯୁକ୍ତିମେଳାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷ ଲିପିକା ବାରୋଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଉମରକୋଟ ପୌରାଧକ୍ଷା ରାଧା ଭତ୍ରା, ଜିଲା ପରିଷଦ ସଭ୍ୟା ଡାଳିମ୍ବ ଭତ୍ରା, ଜିଲା କର୍ମନିଯୋଜନ ଅଧିକାରୀ, ଉମରକୋଟ ତହସିଲଦାର ଏନ୍. ଜଗତ ଜୀବନ ଚୌଧୁରୀ, ବିଡିଓ ହିମାଞ୍ଚଳ ମାଝି, ପୌର ନିର୍ବାହୀ ଅଧିକାରୀ ରଶ୍ମି ମାଝି, ଡିଏସ୍‌ଡବ୍ଲ୍ୟୁ ସ୍ୱର୍ଣ୍ଣଲତା ବିଶ୍ୱାସ, ଏମ୍‌ଜିଏନ୍‌ଏଫ୍‌ର ତପସ୍ୱିନୀ ଦାସ ଯୋଗଦେଇଥିଲେ। ଇଂ. ଚନ୍ଦନା ମଲିକ ମଞ୍ଚ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ର ଗଣତନ୍ତ୍ରର ଆମ୍ବାସାଡର

ରାୟଗଡା ଅଫିସ, ୯।୧୨

ଗଣତନ୍ତ୍ରକୁ ସୁଦୃଢ଼ କରିବା ଲାଗି ଯୁବଗୋଷ୍ଠୀ ସଚେତନ ହେବା ଜରୁରୀ । କଲେଜ ଛାତ୍ରୀଛାତ୍ର ନିଜ ପରିବାର, ସମାଜ ଓ ଗ୍ରାମାଞ୍ଚଳରେ ସୁଦୃଢ଼ ଗଣତନ୍ତ୍ରର ବାର୍ତ୍ତା ପ୍ରଚାର ସହ ଶତ ପ୍ରତିଶତ ଭୋଟରଙ୍କୁ ଭୋଟର ହେଲ୍ପଲାଇନ ମାଧ୍ୟମରେ ଅନଲାଇନ ପଞ୍ଜୀକରଣ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ଜଣେ ନିର୍ବାଚନ ଆମ୍ବାସାଡର ରୂପେ ସହାୟକ ହୋଇପାରିବେ। ସ୍କୁଲ ଓ କଲେଜର ଏନଏସଏସ, ଏନସିସି ଓ ଇଲେକ୍ଟୋରାଲ ଲିଟେରାସି କ୍ଲବ ସଦସ୍ୟଙ୍କ ଦ୍ୱାରା ଏହାର ସଫଳ ରୂପାୟନ ହୋଇପାରିବ ବୋଲି ଜୁପିଟର ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଆୟୋଜିତ ଭୋଟର ସଚେତନତା ଶିବିରରେ ଉପଜିଲାପାଳ ଭୀମସେନ ଶବର ଯୋଗଦେଇ ଏହା କହିଛନ୍ତି । ଏହି ଅବସରରେ ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରି ପଞ୍ଜୀକରଣ କରିବା ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଅଧକ୍ଷ ପ୍ରଶାନ୍ତ ପଣ୍ଡା, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ଓ ବୁଥ ଅଧିକାରୀ ଆର. ନୀଳକଣ୍ଠ ଉପସ୍ଥିତ ରହି ମତଦାନ ଅଧିକାର ଓ ଭୂମିକା ନେଇ ଆଲୋଚନା କରିଥିଲେ। ଏଥିସହ ଅନଲାଇନ ଭୋଟର ପଞ୍ଜୀକରଣ, ପ୍ରତ୍ୟାଶିତ ଭୋଟର ଚିହ୍ନଟ ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାଳୟର ଦିଲୀପ ଗୌଡ଼ ସହଯୋଗ କରିଥିଲେ ।

# ଜିଲାସ୍ତରକୁ ୫ ପ୍ରକଳ୍ପ ମନୋନୀତ

କୋଷାଗୁମୁଡ଼ା,୯।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମାଝିଧନୁଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୭୦ ବିଦ୍ୟାଳୟରୁ ୯୨ ପ୍ରକଳ୍ପ ଏଥିରେ ପ୍ରଦର୍ଶନ କରାଯାଇଛି। ଏଥିରୁ ୫ ପ୍ରକଳ୍ପକୁ ଜିଲାସ୍ତରୀୟ ମେଳାକୁ ମନୋନୀତ କରାଯାଇଛି।

ଜିଲାସ୍ତରକୁ ଉନ୍ନୀତ ପ୍ରକଳ୍ପ ମଧ୍ୟରେ ମାଝିଗୁଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ଜଗଦେବଙ୍କ ଭବିଷ୍ୟତରେ ଯାତାୟତର ସମାଧାନ, କୋଡିଙ୍ଗା ନୋଡାଲ ହାଇସ୍କୁଲର ଛାତ୍ରୀ ଗିରିଧର ହରିଜନଙ୍କ ପ୍ଲାଷ୍ଟ ସ୍କୋପ, ସାନଗୁମୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ର ସଦନ ଭତ୍ରାଙ୍କ ଇଲେକ୍ଟ୍ରିସିଟି ଜେନେନେଟର, ମାଝିଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ର ମଦନ ମୁରିଆଙ୍କ ପୁରାତନ କୃଷି ଯନ୍ତ୍ରପାତିର ନୂତନତ୍ୱ ଓ କୋଷାଗୁମୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶାନ୍ତନୁ ବାଘଙ୍କ

**ବ୍ଲକସ୍ତରୀୟ ବିଜ୍ଞାନ ମେଳା**

ଅନ୍ତସ୍ତକୋଣ ମାନଙ୍କର ସମଷ୍ଟି ପ୍ରକଳ୍ପ ରହିଛି । ମୁଖ୍ୟ ଅତିଥିଭାବେ କୋଷାଗୁମୁଡ଼ା ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝି ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ମାଝିଧନୁଆ ସରପଞ୍ଚ ଦୟାରାମ ପୂଜାରୀ, ଏମ୍‌ପିଙ୍କ ପ୍ରତିନିଧି ବଦ୍ରି ନାରାୟଣ ସିଂ, ସମିତି ସଭ୍ୟ ଯୁଗଧର ହରିଜନ, କୋଷାଗୁମୁଡ଼ା ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, କୋଷାଗୁମୁଡ଼ା ବିଇଓ ସୁଭାଷ ଚନ୍ଦ୍ର ରାୟ, ଏବିଇଓ ଦିଗାମ୍ବର ହରିଜନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷମୁ ହାଲବା, ହାଇସ୍କୁଲ ପ୍ରଧାନ ଶିକ୍ଷକ ବଦ୍ରି ନାରାୟଣ ବିଶ୍ୱାଳ, ସମସ୍ତ କ୍ଲଷ୍ଟର ସିଆର୍‌ସିସି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଓ ଅଭିଭାବକ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଉଦଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



### ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଶିବିର

ବୋରିଗୁମ୍ମା,୯।୧୨(ଡି.ଏନ.ଏ.)– ବୋରିଗୁମ୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷା ଶିବିର 'ସୁନେତ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଉଦଘାଟନ କରିଥିଲେ। ବୋରିଗୁମ୍ମା ଓ ବିଜାପୁର କ୍ଲଷ୍ଟରର ୩୦ ଟି ବିଦ୍ୟାଳୟର ପ୍ରାୟ ୧୫୦ ଛାତ୍ରିଛାତ୍ର ଚକ୍ଷୁ ପରୀକ୍ଷା କରାଇଥିଲେ। ଚକ୍ଷୁ ବିଶେଷଜ୍ଞ ଡ଼.ଅଶ୍ୱିନୀ କୁମାର ପାତ୍ର, ଡ଼.ହରମୋହୋନ ପାତ୍ର ଓ ଚକ୍ଷୁ ସହାୟକ ଅଭିନବ ସାମଲ ଛାତ୍ରୀଛାତ୍ରଙ୍କ ଚକ୍ଷୁ କମ୍ପ୍ୟୁଟରରେ ପରୀକ୍ଷା କରାଇଥିଲେ। ଚକ୍ଷୁ ପରୀକ୍ଷା ପରେ ଛାତ୍ରୀଛାତ୍ରୀଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ଜଗଦୀଶ ମେହେର ଓ ନନ୍ଦିନୀ ବଡ଼ଜେନା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ନାୟକ, ସିଆରସିସି ମନୋଜ ବିଶୋୟୀ ,ସୁବାସ ଚନ୍ଦ୍ର ପ୍ରଧାନ,ଶିକ୍ଷକ ସନତ ସାହୁ, ଅଜିତ ଗନ୍ତାୟତଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

# ବେଆଇନରେ ଭଡ଼ାଘରେ ଚାଲିଛି ଠିପିବନ୍ଦ ମଦ ଦୋକାନ

ରାୟଗଡ଼ା ଅଫିସ,୯।୧୨

ବିଭିନ୍ନ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଏବଂ ଦୁର୍ନୀତିକୁ ନେଇ ରାୟଗଡ଼ା ଅବକାରୀ ବିଭାଗ ଗତ କିଛିବର୍ଷ ହେଲା ଚର୍ଚ୍ଚାରେ ରହିଛି। ହେଲେ ଏଥିରେ ସୁଧାର ଆଣିବା ବଦଳରେ ଅଧିକାରୀ ଓ କର୍ମଚରୀ ଏହାର ପୁନରାବୃତ୍ତି ଘଟାଇ ଚାଲିଛନ୍ତି। ଜିଲା ସଦର ମହକୁମା ଠାରୁ ମାତ୍ର ୯ କି.ମି. ଦୂର କୋମତାଲପେଟା ଠାରେ ବେଆଇନ୍ ଭାବେ ଏକ ଠିପିବନ୍ଦ ମଦ ଦୋକାନ ଚାଲିଛି । ଏ ବିଷୟରେ ଅବକାରୀ ଏସ୍‌ପି ଜାଣିଥିଲେ ମଧ ଚୁପ୍ ରହିଥିବା ଅଞ୍ଚଳବାସୀ ଏବଂ କେତେଜଣ ସାମାଜିକକର୍ମୀ ଅଭିଯୋଗ କରିଛନ୍ତି। ଏହା ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହାର ତଦନ୍ତ କରାଯିବ ଆବଶ୍ୟକ ବୋଲି ସେମାନେ କହିଛନ୍ତି।

ଘଟଣାରୁ ପ୍ରକାଶ, ରାୟଗଡ଼ା ବ୍ଲକ ଚାନ୍ଦିଲି ଥାନା ଅର୍ନ୍ତଗତ କୋମତାଲପେଟା ଠାରେ ଏକ ଭଡ଼ା ଘରେ ଗତ ୨୦୨୧ ରୁ ଠିପିବନ୍ଦ ମଦ ଦୋକାନ ଚାଲିଥିଲା। ଉକ୍ତ

**ଅବକାରୀ ଏସ୍‌ପି ଚୁପ୍**

ଭଡ଼ା ଘରର ଚୁକ୍ତି ୧୧ ମାସ ରହିଥିବା ବେଳେ ଏପ୍ରିଲ ମାସରେ ଚୁକ୍ତି ସରିଛି। ଫଳରେ ସେହି ସ୍ଥାନରୁ ଦୋକାନ ସ୍ଥାନାନ୍ତର କରିବା ସହ ନୂତନ ଭଡ଼ା ଘରର ଚୁକ୍ତି ସମ୍ବନ୍ଧୀୟ ନଥିପତ୍ର ଅବକାରୀ ବିଭାଗରେ ଦାଖଲ କରାଯିବା ନିୟମ ରହିଛି। ହେଲେ ମଦ ଦୋକାନୀ ଏ ପର୍ଯ୍ୟନ୍ତ ତାହା କରି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଏହି ସ୍ଥାନରେ ମଦ ଦୋକାନ ନ ଥିବା ନେଇ ଘର ମାଲିକଙ୍କ ଓକିଲ ନବ କୁମାର କଣ୍ଟା ମେ ୨୭ ଏବଂ ଜୁନ୍ ୧୧ ରେ ଅବକାରୀ ଏସ୍‌ପିଙ୍କୁ ଚିଠି ଲେଖି ଜଣାଇଛନ୍ତି। ତଥାପି ଏସ୍‌ପି କୌଣସି ପଦକ୍ଷେପ ଗ୍ରହଣ କରିବା ବଦଳରେ ଚୁପ୍ ରହିଥିଲେ। ଜୁଲାଇ ୧୪ ରେ ଅବକାରୀ ବିଭାଗ ଚିଠି ନଂ.୧୦୩୭ରେ ଅଭିଯୋଗ ଉପରେ କ୍ଷେତ୍ରୀୟ କର୍ମଚାରୀ ରିପୋର୍ଟ ମଧ ଦାଖଲ କରିଛନ୍ତି। ସେପ୍ଟେମ୍ବର ୧ ରେ ଏହାର ତଦନ୍ତ କରାଯିବା ପରେ ୨୪ ତାରିଖରେ ଦୋକାନୀଙ୍କୁ ନୂତନ ସ୍ଥାନରେ ଖୋଲିବା ପାଇଁ ଜିଲା ଅବକାରୀ କାର୍ଯ୍ୟାଳୟରୁ ଚିଠି କରାଯାଇଥିଲା। ହେଲେ ଏହାମଧ୍ୟରେ ଦୁଇମାସ ବିତିଯାଇଥିଲେ ମଧ ଉକ୍ତ ଦୋକାନ ସ୍ଥାନାନ୍ତର ହୋଇନାହିଁ । ବେଆଇନ ଭାବେ ଦୋକାନ ଚାଲିଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠିଛି। କେଉଁ ସ୍ଥାନରେ ଉକ୍ତ ମଦ ଦୋକାନ ଚାଲିଛି ତାହାର ତଥ୍ୟ ମଧ ଅବକାରୀ କାର୍ଯ୍ୟାଳୟରେ ନାହିଁ। ତଥାପି ନିୟମିତ ଭାବେ ଓଡ଼ିଶା ପଣ୍ୟାଗାର ନିଗମ ଗୋଦାମରୁ ମଦ ଉଠାଣ କରାଯାଇ ଉକ୍ତ ଦୋକାନ ନାମରେ ବିକ୍ରି ଚାଲିଛି। ତେଣୁ ଏହି ଘଟଣାର ତଦନ୍ତ କରାଯାଉ ବୋଲି ମତପ୍ରକାଶ ପାଇଛି। ଏ ବିଷୟରେ ଅବକାରୀ ଏସ୍‌ପି ଅଭିରାମ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଦୋକାନୀକୁ ନୋଟିସ୍ କରାଯାଇଛି। ତେବେ ରାଜସ୍ୱ ହାନି ଆଶଙ୍କାକୁ ଦୃଷ୍ଟିରେ ରଖି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନାହାନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ

ଜୟପୁର,୯ା୧୨(ନି.ପ୍ର.)-ଜୟପୁର ସହରର ପୁରୁଣାଗଡ଼ରେ ଜଣେ ବୃଦ୍ଧଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି । ତାଙ୍କ ପରିଚୟ ମିଳିପାରିନାହିଁ। ଅଞ୍ଚଳବାସୀ ତାଙ୍କୁ ଆର୍. କଳିଆ ବୋଲି ଡାକୁଥିଲେ। ସେ ଉକ୍ତ ଅଞ୍ଚଳରେ ୧୫ ବର୍ଷ ହେଲା ସାଇକେଲ, ସପ ଓ ପରବର୍ତ୍ତୀ ସମୟରେ ଝାଲ୍‌ମୁଢ଼ି ବିକ୍ରିକରି ଚଳୁଥିଲେ। ତାଙ୍କର ମୃତ୍ୟୁ ହୋଇଥିବା ଜାଣିବା ପରେ ସାହିବାସିନ୍ଦା ଟାଉନ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତକରି ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

### ବାର୍ଦ୍ଧକ୍ୟ ଭତ୍ତା ପାଉନାହାନ୍ତି ୧୦ ହିତାଧିକାରୀ

ଦଶମନ୍ତପୁର,୯ା୧୨(ଡି.ଏନ.ଏ.)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗଡ଼ା ପଞ୍ଚାୟତ ଡୁମୁରିଗୁଡ଼ା ଗ୍ରାମରେ ଅନେକ ଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ଭିନ୍ନକ୍ଷମ ସୁବାଇ ସାଉଁନ୍ତା, ବିଧବା ମହିଳା ଧନାଇ ସାଉଁନ୍ତା, ନରସିଂହ ସାଉଁନ୍ତା, ମାଳତୀ ସାଉଁନ୍ତା, କୁଶ ସାଉଁନ୍ତା, ନାରଙ୍ଗ ସାଉଁନ୍ତା, ୱାଲସୀ ସାଉଁନ୍ତା, ସନା ସାଉଁନ୍ତା, ମନ ସାଉଁନ୍ତା ଏବଂ କମଳା ସାଉଁନ୍ତା। ହିତାଧିକାରୀମାନେ ଉପଯୁକ୍ତ ବୟସ ହୋଇଥିଲେ ହେଁ ସେମାନେ ଭତ୍ତା ପାଉନାହାନ୍ତି। ଭତ୍ତା ପାଇଁ ଏହି ହିତାଧିକାରୀମାନେ ବିଭିନ୍ନ ସମୟରେ ପଞ୍ଚାୟତରେ ଆବେଦନ କରିଥିଲେ ମଧ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। କେତେଜଣ ହିତାଧିକାରୀଙ୍କ ଭତ୍ତା ଟଙ୍କା ଆସିଥିଲେ ହେଁ ସେମାନଙ୍କୁ କାହିଁକି ମିଳୁନାହିଁ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଭତ୍ତା କରାଇଦେବାକୁ କହି କେତେଜଣ ସେମାନଙ୍କଠାରୁ ଟଙ୍କା ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରା ନ ଗଲେ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତବନୀ ଦେଇଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଖୋସ୍‌ଲାଙ୍କୁ ପଚାରିବାରୁ ସେ କହିଲେ, କେତେଜଣ ହିତାଧିକାରୀଙ୍କ ଭତ୍ତା ଆସିଛି, ଯାଞ୍ଚ କରିବା ପରେ କହିବେ। ନୂତନ ହିତାଧିକାରୀ ଆବଶ୍ୟକ ପ୍ରମାଣପତ୍ର ଦେଲେ ତାଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

### ମୁକ୍ତା ଯୋଜନାକୁ ନେଇ ୟୁଏଲ୍‌ବି ଲେଭଲ ବୈଠକ

ମାଲକାନଗିରି, ୯ା୧୨(ଡି.ଏନ.ଏ.)-ମାଲକାନଗିରି ପୌର ପରିଷଦରେ ଶୁକ୍ରବାର ମୁକ୍ତା ଯୋଜନାକୁ ନେଇ ୟୁଏଲବି ଲେଭଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦର ୧୯ଟି ୱାର୍ଡରୁ ଆସିଥିବା ପ୍ରସ୍ତାବିତ ସମ୍ପୂର୍ଣ୍ଣ କାର୍ଯ୍ୟ ତାଲିକା ମୁକ୍ତା ଯୋଜନାରେ ଉନ୍ନୟନ ମୂଳକ କାର୍ଯ୍ୟ, ନୂତନ ପ୍ରକଳ୍ପ, ମୌଳିକ ସମସ୍ୟାର ସମାଧାନ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ପୌରଉପାଧକ୍ଷା କବିତା ମାହୁନ୍ତ ଅଧକ୍ଷତା କରିଥିଲେ। ପୌର ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ, ଏଇ ଇନ୍ଦୁ ମାଧବ ସରକାର, ମୁକ୍ତା ଯୋଜନାର ପ୍ରୋଗ୍ରାମ କୋର୍ଡିନେଟର ସୁମନ ଗୋରଡ଼ା, ଜେଇ ଆନନ୍ଦ ମାଲୋ, ସହରାଞ୍ଚଳ ମିଶନ ପରିଚାଳକ ଜଗନ୍ନାଥ ଖେମୁଡୁ, ଜେଇ ଶୁଭକାନ୍ତ ଜେନା, କମ୍ୟୁନିଟି ଅର୍ଗାନାଇଜର୍ ଆରତି ମହାପାତ୍ର, ସତ୍ୟ ପ୍ରକାଶ ମହାପାତ୍ର, ରିକଲାମେଶନ ଏସଡିଏ ସଭାପତି କେ. ରାହୁଲ, ସେକ୍ରେଟାରୀ ସତ୍ୟଜିତ ଗୌଡ଼, ବଦ୍ରିନାଥ ମହାସଂଘ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ । ଆବଶ୍ୟକ କାର୍ଯ୍ୟ ଗୁଡିକର ଏକ ତାଲିକା ପ୍ରସ୍ତୁତ କରି ଯଥାଶୀଘ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ବାଉଁଶ ବାଡ଼ରେ ତିଆରି ବିଦ୍ୟାଳୟରେ ଗଢ଼ା ହେଉଛି ଦେଶର ଭବିଷ୍ୟତ

ମାଲକାନଗିରି, ୯ା୧୨(ଡି.ଏନ.ଏ.)


ବାଉଁଶ ବାଡରେ ନିର୍ମିତ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

ମାଲକାନଗିରି ଜିଲାରେ ଏପରି ଅନେକ ବିଦ୍ୟାଳୟ ରହିଛି ଯେଉଁଠି ଏପର୍ଯ୍ୟନ୍ତ ପକ୍କା ଘରଟିଏ ନାହିଁ। ରାଜ୍ୟ ସରକାର ଜିଲାରେ ଶିକ୍ଷା ସହ ଅନେକ କ୍ଷେତ୍ରରେ ପରିବର୍ତ୍ତନ ଆଣୁଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁ ଅନେକ ସ୍ଥାନରେ ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ଫଳରେ ଏଯାବତ୍ ଅନେକ ବିଦ୍ୟାଳୟର ନିଜସ୍ୱ ପକ୍କା ଗୃହ ନାହିଁ। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କାଲିମେଳା ବ୍ଲକର କୁରୁମାନୁ ପଞ୍ଚାୟତର ଆରବଟି ଗ୍ରାମରେ।

ଏହି ଗ୍ରାମରେ ବିଭିନ୍ନ ମୌଳିକ ସମସ୍ୟା ଏଯାଏ ସୁଧୁରିନାହିଁ। ଏଠାରେ ଥିବା ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ ଥିବା ବିଦ୍ୟାଳୟ ଅବସ୍ଥା ଦେଖିଲେ କେହି ଏହା ଏକ ବିଦ୍ୟାଳୟ ବୋଲି କହିବେ ନାହିଁ । ସାଧାରଣତଃ ବିଦ୍ୟାଳୟ ଗୃହ ଇଟା ଓ ସିମେଣ୍ଟରେ ତିଆରି ହେଉଥିବା ବେଳେ ଏହି ବିଦ୍ୟାଳୟ ତିଆରି ହୋଇଛି ବାଉଁଶ ବାଡରେ । ତଳେ ଗୋବର ଲିପା ଚଟାଣ ସହ ଉପରେ ପଡ଼ିଛି ଟିଣ । ବିଦ୍ୟାଳୟ ଭିତରେ ପିଲାଏ ପଢୁଛନ୍ତି କି ନାହିଁ ତାହା ବାହାରୁ ସ୍ପଷ୍ଟ ରୂପେ ଦେଖି ହେଉଛି। ବାଉଁଶ ବାଡରେ ଅନେକ ସ୍ଥାନରେ ଥିବା ବଡ ବଡ ଛିଦ୍ର ଦେଇ ଖରା ଭିତରକୁ ଖରା ପଡେ। ବର୍ଷା ହେଲେ ବର୍ଷା ପାଣି ମଧ ପଡିଥାଏ। କେବଳ ଏତିକି ନୁହେଁ ଏହି ବିଦ୍ୟାଳୟରେ ଅନେକ ସମୟରେ ସାପ, ଗୋଧି ପରି ଅନେକ ସରୀସୃପ ପଶି ଆସୁଛନ୍ତି। ନିଜ ପିଲାଙ୍କ ସୁରକ୍ଷା ପାଇଁ ଅଭିଭାବକ ମାନେ ପାଳି କରି ବିଦ୍ୟାଳୟକୁ ଆସନ୍ତି। ସେତିକିରେ ସରିନି ବିଦ୍ୟାଳୟର ସମସ୍ୟା, ବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ନିଯୁକ୍ତ ଶିକ୍ଷକମାନେ ନିୟମିତ ବିଦ୍ୟାଳୟ

- ବିଦ୍ୟାଳୟରେ ସାପ, ଗୋଧି ପରି ସରୀସୃପ ପଶନ୍ତି
- ପିଲାଙ୍କ ସୁରକ୍ଷା ପାଇଁ ଜଗି ରହନ୍ତି ଅଭିଭାବକ
- ନିୟମିତ ବିଦ୍ୟାଳୟ ଆସନ୍ତି ନାହିଁ ଶିକ୍ଷକ

ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସ୍ୱଳ୍ପସଂଖ୍ୟକ ଛାତ୍ରୀଛାତ୍ର ଏଠାରେ ପଢୁଥିବା ବେଳେ ଶିକ୍ଷକମାନେ ପାଳି କରି ଶିକ୍ଷାଦାନ ପାଇଁ ଆସୁଥିବା ଗ୍ରାମବାସୀ କହିଛନ୍ତି । ଏହି ଶିକ୍ଷକମାନେ ଦୁଇ ଘଣ୍ଟା ପଢେଇବା ପରେ ଚାଲିଯାଆନ୍ତି। ଶିକ୍ଷକମାନଙ୍କ ଇଚ୍ଛାରେ ବିଦ୍ୟାଳୟ ଚାଲୁଥିବା ବେଳେ ଇଚ୍ଛା ହେଲେ ସେମାନେ ଆସନ୍ତି ନଚେତ ନାହିଁ । ଗ୍ରାମରେ ଅନେକ ସମସ୍ୟା ରହିଥିବା ସତ୍ତ୍ୱେ ପ୍ରଥମେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସଜାଡିବାକୁ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ଗ୍ରାମବାସୀ ।

# ମାଳୀଜାତିକୁ ବନବାସୀ ମାନ୍ୟତା ଦାବି

କୋରାପୁଟ,୬ା୧୨(ସ୍ୱ.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ ଦୀର୍ଘଦୀନ ହେଲା ବସବାସ କରୁଥିବା ମାଳୀ ଏବଂ ପାହାଡିଆ ଜନଜାତିକୁ ଆଦିବାସୀ ମାନ୍ୟତା ପ୍ରଦାନ କରିବା ଦାବି ନେଇ ଶୁକ୍ରବାର ଅବିଭକ୍ତ କୋରାପୁଟ ଜିଲା ମାଳି ସମାଜ ବିକାଶ ପରିଷଦ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ସେମାନେ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲା ମାଳି ସମାଜ ବିକାଶ ପରିଷଦର ସମ୍ପାଦକ ଦୈତାରୀ ଖିଲଙ୍କ ନେତତ୍ୱରେ ଅବିଭକ୍ତ କୋରାପୁଟ ଜିଲାରୁ ୧ ହଜାରରୁ ଉର୍ଦ୍ଧ୍ୱ ମାଳି ଜାତିର ଜନସାଧାରଣ ଏକଜୁଟ୍ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ବର୍ଷ ଧରି ମାଳିଜାତିକୁ ବନବାସୀ ତଥା ଆଦିବାସୀ ମାନ୍ୟତା ଦେବାକୁ ସମାଜ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ ସାମ୍ବିଧାନିକ ଓ ପ୍ରଶାସନିକ ସ୍ତରରେ ଏହାକୁ ସ୍ୱୀକୃତି ମିଳୁନାହିଁ। ଫଳରେ ଏହି ଜାତିର ଶିକ୍ଷିତ ଯୁବଗୋଷ୍ଠୀ ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକ

### ଧାରଣା ଦେଲା ମାଳୀ ସମାଜ ବିକାଶ ପରିଷଦ

ବିଭିନ୍ନ ସଂରକ୍ଷଣ ଚାକିରି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସୂଚନାଯୋଗ୍ୟ, ନିକଟରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମାଳିଜାତି ସହ ଅବିଭକ୍ତ କୋରାପୁଟ ଜିଲାର ଅନ୍ୟାନ୍ୟ ଆଦିବାସୀ ସଂପ୍ରଦାୟ ମଧ୍ୟରେ ପ୍ରଚଳିତ ସଂସ୍କୃତି ଓ ପରମ୍ପରା ସଂପର୍କରେ ଏକ ତୁଳାନାତ୍ମକ ସର୍ବେକ୍ଷଣ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା। ଉପରୋକ୍ତ ସମସ୍ତ ପ୍ରକାର ବିଧି ବ୍ୟବସ୍ଥାର ତର୍ଜମା କରି ଓଡିଶାର ପଡୋଶୀ ରାଜ୍ୟ ଆନ୍ଧ୍ରରେ ମାଳି ଜାତିକୁ ଯେପରି ଜନଜାତି ଭାବରେ ସୁବିଧା ପ୍ରଦାନ କରାଯାଉଛି ତାହା ଓଡ଼ିଶାରେ ନାହିଁ ବୋଲି ଧାରଣାରତ ମାଳି ସମାଜର ନେତାମାନେ ପ୍ରକାଶ କରିଛନ୍ତି। ଯଦି ଆଗାମୀ ଦିନରେ ରାଜ୍ୟ ସରକାର ମାଳି ଜାତିକୁ ଆଦିବାସୀ ମାନ୍ୟତା ପ୍ରଦାନ ନକରନ୍ତି ତେବେ ଅବିଭକ୍ତ କୋରାପୁଟ ଜିଲାର ମାଳି ସମାଜ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଆନ୍ଦୋଳନ କରାଯିବ ବୋଲି ମାଳି ସମାଜ ପକ୍ଷରୁ କୁହାଯାଇଛି।


ବନବାସୀ ମାନ୍ୟତା ଦାବିରେ ମାଳିଜାତି ପକ୍ଷରୁ ଚାଲିଥିବା ଧାରଣା ।

# ଅଲେଖ ମହିମା ଧର୍ମର ମନ୍ଦିର, ଉପାସନା ପୀଠ ଭଙ୍ଗାକୁ ବିରୋଧ

କୋରାପୁଟ,୯ା୧୨(ସ୍ୱ.ପ୍ର.)

ଢେଙ୍କାନାଳ ଜିଲା ପ୍ରଶାସନ ବେଆଇନ ଭାବେ ଯୋରନ୍ଦାସ୍ଥିତ ମହିମା ଗାଦି ସତ୍ୟ ଅଲେଖ ମହିମା ଧର୍ମର ମନ୍ଦିର, ଉପାସନା ପୀଠ ଓ ବିଶ୍ରାମ ଗୁମ୍ଫିକୁ ଭାଙ୍ଗି ଦେଇଛି। ଏହାର ପ୍ରଭାବ କୋରାପୁଟ ଜିଲା ଉପରେ ପଡିଛି। ଏହାକୁ ନେଇ ଶୁକ୍ରବାର କୋରାପୁଟ ଜିଲାର ହଜାର ହଜାର ମହିମାଧର୍ମୀ ସନ୍ୟାସୀ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ବିରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

କୋର୍ଟ ଅର୍ଡର କାର୍ଯ୍ୟକାରୀ କରିବାକୁ ଯାଇ ମହିମା ଗାଦିରେ ଥିବା ଶତାଧିକ ବର୍ଷର ଉପାସନା ପୀଠଗୁଡିକ ଯେପରି ଅମାନୁଷିକ ଭାବେ ନଭେମ୍ବର ୨୨ରେ ଭଙ୍ଗାଗଲା ତାହା ଅଗଣିତ ମହିମାଧର୍ମ ସାଧୁ ସନ୍ୟାସୀ ଓ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଛି । ଏହାର ଆଶୁ ସମାଧାନ ପାଇଁ ୬ଟି ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଏହି ପ୍ରସ୍ତାବ ମଧ୍ୟରେ ମହିମା ଗାଦିରେ ମହିମା ଗୋସାଇଁଙ୍କ ନାମରେ ଥିବା ସମସ୍ତ ସ୍ଥାବର ଭୂ-ସମ୍ପତ୍ତି ଉଭୟ ସତ୍ୟ ଅଲେଖ ମହିମା ଧର୍ମ କୌପନଧାରୀ ସମିତି ଓ ବକଳଧାରୀ ମହିମା ସମାଜ ନାମରେ ଦରଜ କରିବା , ଗାଦି ମନ୍ଦିରର ତୃତୀୟ ବେଢାରେ ସିଦ୍ଧ ବଡ କୃପାସିନ୍ଧୁ ବାବାଙ୍କ ଦ୍ୱାରା ସ୍ଥାପିତ ପ୍ରାୟ ୧୦୦ ବର୍ଷର ବତୀ ମନ୍ଦିର, ଧ୍ୱନି ମନ୍ଦିର ଓ ଭେକ ମନ୍ଦିରକୁ



ଅଲେଖ ମହିମା ସନ୍ୟାସୀମାନେ ଅଲେଖ ମହିମା ଉପାସନା ପୀଠର ଭଙ୍ଗାକୁ ବିରୋଧ କରୁଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଅଲେଖ ମହିମା ସନ୍ୟାସୀ

ଯେପରି ଭାଙ୍ଗି ଧୂଳିସାତ କରାଗଲା ତାହାର ଦୃଢ ନିନ୍ଦା କରିବା, ଏ ସମସ୍ତ ଉପାସନା ମନ୍ଦିର ମିମାସ୍ୱାମୀଙ୍କ ଜାଗାରେ ନିର୍ମାଣ କରିବା ଲାଗି ଦାବିପତ୍ରରେ କୁହାଯାଇଛି। ଯୋରନ୍ଦା ମହିମା ଗାଦିରେ ଥିବା ଗାଦି ମନ୍ଦିର ଓ ଶୂନ୍ୟ ମନ୍ଦିରରେ ଉଭୟ ବକଳଧାରୀ ଓ କୌପନ୍ୟଧାରୀ ସନ୍ୟାସୀମାନଙ୍କୁ ନୀତି କରିବାର ଅଧିକାର ପ୍ରଦାନ, ଯୋରନ୍ଦା ମହିମା ମନ୍ଦିରରେ ଥିବା ମହିମାସ୍ୱାମୀଙ୍କ ଜାଗାରେ ଉନ୍ନୟନ କାର୍ଯ୍ୟ ସମୟରେ ଉଭୟ ସମାଜର ସାଧୁ ସନ୍ୟାସୀମାନଙ୍କ ସହମତି ନେବା, ସମସ୍ତ ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଇ ଉଭୟ ପକ୍ଷ କୋର୍ଟ କଚେରିରେ ଥିବା ମକଦ୍ଦମା ପ୍ରତ୍ୟାହାର କରି ଶାନ୍ତି ବାତାବରଣ ସୃଷ୍ଟି କରିବା, ମହିମା ଧର୍ମର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରିବା, ଓଡିଶାର ନିଜସ୍ୱ ଧର୍ମ ମହିମା ଧର୍ମ ହୋଇଥିବାରୁ ଓଡିଶା ସରକାର ଏ ଦିଗରେ ତୁରନ୍ତ ନିଷ୍ପତ୍ତି ନେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। କୌପିନଧାରୀ ମହିମା ସମାଜର କୋରାପୁଟ ଓ ମାଲକାନାଗରି ଅଞ୍ଚଳର ସଭାପତି ବାବା ବୀଣାକାର ଦାସଙ୍କ ନେତୃତ୍ୱରେ ବାବା ଲମ୍ବଧୋର ଦାସ, ଭକ୍ତ କାମାୟା ପାଙ୍ଗି, ସୁବାଷ ଭକ୍ତ, ମୁକୁନ୍ଦ ଭକ୍ତଙ୍କ ସମେତ ୨ହଜାରରୁ ଉର୍ଦ୍ଧ୍ୱ ଅଲେଖ ସନ୍ୟାସୀ ଓ ସାଧୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିସେଠାରେ ରାସ୍ତା ଉପରେ ବସି ବିରୋଧ ପ୍ରଦର୍ଶନ କରିଥିଲେ । ଶେଷରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଏଠାରେ ପୋଲିସ ମୁତୟନ କରାଯାଇଥିଲା ।

### ହୋଟେଲ ଉପରେ ଖାଦ୍ୟ ସୁରକ୍ଷା ବିଭାଗର ଚଢଉ

ମାଲକାନଗିରି,୯ା୧୨(ଡି.ଏନ.ଏ.)

ମାଲକାନଗିରି ସଦରରେ ଥିବା ଏକ ହୋଟେଲ ଉପରେ ନିମ୍ନମାନର ଖାଦ୍ୟ ଦେଉଥିବା ଅଭିଯୋଗ ହେବା ପରେ ଶୁକ୍ରବାର ହୋଟେଲ ଉପରେ ଚଢାଉ କରାଯାଇଛି। ହୋଟେଲରେ ଏପରି କାର୍ଯ୍ୟ ହେଉଥିବା ହୋଟେଲ କର୍ମଚାରୀ ଚଢାଉଟିମ୍ ନିକଟରେ ସ୍ୱୀକାର କରିଛନ୍ତି। ମାଲକାନଗିରି ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନ୍ୟାଦେଶ ପର୍ଯ୍ୟନ୍ତ ହୋଟେଲ ନ ଖୋଲିବାକୁ ସେକ୍ସସନ ୫୫, ଓ ୫୬ ଅନୁସାରେ ନୋଟିସ କରାଯାଇ ଏହାକୁ ସିଲ୍ କରାଯାଇଛି।

### ଯୁବତୀଙ୍କୁ ପ୍ରତାରଣା

ଜୟପୁର, ୯ା୧୨ (ନି.ପ୍ର.)

ବିବାହ ପ୍ରୋଲଭନ ଦେଖାଇ ଜଣେ ଯୁବତୀଙ୍କୁ ପ୍ରତରଣା କରାଯାଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । କୁମୁଲିପୁଟର ମହେଶ ପରଜା ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଗୁରୁତର ସହ ନେଇ ମହିଳାଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି ।

# ନଗରଭବନରେ ଜିଲା ଭାଜପା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ମାଲକାନଗିରି, ୯ା୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ନଗରଭବନଠାରେ ଶୁକ୍ରବାର ଜିଲା ଭାଜପାର ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଭାଜପା କର୍ମକର୍ତ୍ତା, ଯୁବମୋର୍ଚ୍ଚା ସଙ୍ଗଠନ କିପରି ମଜଭୁତ୍ ହେବ ସେନେଇ ସମ୍ମିଳନୀରେ ଆଲୋଚନା ହୋଇଥିଲା। ଜିଲା ସଭାପତି ନିମାଇଁ ପାଲ ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରଭାରୀ କାଳିରାମ ମାଝୀ ଯୋଗଦେଇ ଜିଲାରେ ଭାଜପାର ଉପସ୍ଥିତି, ବିଗତ ଦିନରେ ଜିଲାରେ ହୋଇଥିବା ପ୍ରମୁଖ ନିର୍ବାଚନରେ ଦଳର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ମାଲକାନଗିରି ଜିଲାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ ତାହାର ଶ୍ରେୟ ରାଜ୍ୟ ସରକାର ନେଉଛନ୍ତି। ସ୍ଥାନୀୟ ଅଫିସର ମାନେ ଭାଜପା କର୍ମୀଙ୍କୁ ସବୁ ସମୟରେ ଦୁର୍ବ୍ୟବହାର କରୁଥିବା ପ୍ରଭାରୀ ମାଝୀ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଜିଲାର ସମସ୍ତ ବ୍ଲକରେ ଭାଜପା କର୍ମକର୍ତ୍ତା ଆନ୍ଦୋଳନ କରିବା ସହ ଜିଲାରେ ହେଉଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ନେଇ ତଥ୍ୟ ଆରଟିଆଇ ଜରିଆରେ ମାଗି ଏହାକୁ ଆଧାର କରି ଆନ୍ଦୋଳନ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ପଦୁ ମାଝୀ, ବାଲିମେଳା ଏନଏସି ଅଧକ୍ଷ ପ୍ରଦୀପ ନାୟକ, ବ୍ଲକ ଉପାଧକ୍ଷ ନିରଞ୍ଜନ ହାଲଦାର, ବିଧାୟକ ଆଦିତ୍ୟ ମାଢ଼ି, ଜିଲା ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ, ବିଧାୟକ ପ୍ରତିନିଧି ନବଘନ ଲୋକେଈ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମୀ ଉପସ୍ଥିତ ଥିଲେ ।


ଭାଜପା କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

# ସ୍ୱତନ୍ତ୍ର ଗ୍ରାମସଭାକୁ ଅଣଦେଖା ନେଇ ଅସନ୍ତୋଷ

ପଟ୍ଟାଙ୍ଗି,୯ା୧୨(ଡି.ଏନ୍.ଏ.)

ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ପଞ୍ଚାୟତରେ ହେଉଥିବା ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଅଣଦେଖା କରିବା ସହ ସରପଞ୍ଚଙ୍କ ଠିକୁ ଗୁରୁତ୍ୱ ନ ଦେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅଧିକାରୀ ଓ କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଅଣଦେଖା କରି ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଠିକୁ ଗୁରୁତ୍ୱ ନ ଦେବା ନେଇ ବ୍ଲକ ଉପାଧକ୍ଷ ଅସନ୍ତୋଷ ପ୍ରକାଶ କରିଛନ୍ତି । କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି। ଖବରରୁ ଜଣାପଡ଼ିଛି, ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ପ୍ରସ୍ତାବକ୍ରମେ ଉକ୍ତ ପଞ୍ଚାୟତର ସରପଞ୍ଚ



ସ୍ୱତନ୍ତ୍ର ଗ୍ରାମସଭାରେ ଉପସ୍ଥିତ ଥିବା ଅଧିକାରୀ ଓ ଗ୍ରାମବାସୀ।

ରଶ୍ମିତା ପେଦାନ୍ତିଙ୍କ ଏକ ଚିଠି ଅନୁସାରେ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ହୋଇଥିଲା । ଏଥିରେ ପଞ୍ଚାୟତର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଅଧିକାରୀମାନେ ନିଜ ବିଭାଗର କାର୍ଯ୍ୟକ୍ରମର ସମୀକ୍ଷାକରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ସରପଞ୍ଚଙ୍କ ଠିକୁ ଗୁରୁତ୍ୱ ଦେଇ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ଯୋଗଦେଇ ନିଜ ଗ୍ରାମରେ ରହିଥିବା ପାନୀୟଜଳଠାରୁ ଆରମ୍ଭକରି ରାସ୍ତାଘାଟ ଓ ବିଜୁ ପକ୍କାଘର ସମସ୍ୟା ସମ୍ପର୍କରେ ସରପଞ୍ଚ ଓ ପିଇଓଙ୍କୁ ଅବଗତ କରାଇଥିଲେ। ବୈଠକରେ ସମିତିସଭ୍ୟ ତଥା ବ୍ଲକ ଉପାଧକ୍ଷ ତ୍ରିନାଥ କଟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତେବେ ଏହି ସ୍ୱତନ୍ତ୍ର ଗ୍ରାମସଭାକୁ ବିଭିନ୍ନ ଗ୍ରାମରୁ ଲୋକେ ଆସିଥିବା ବେଳେ ଅନ୍ୟ କୌଣସି ସରକାରୀ କର୍ମଚାରୀ ଆସି ନ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଅଧିକାରୀ ଏବଂ କର୍ମଚାରୀମାନେ ସ୍ୱତନ୍ତ୍ର ଗ୍ରାମସଭାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଏପରି ଅବ୍ୟବସ୍ଥା ନେଇ ଜିଲା ଏବଂ ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ।

# ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ ସ୍ୱଚ୍ଛସାଥୀ

ମାଲକାନଗିରି,୯ା୧୨(ଡି.ଏନ.ଏ.)

ମାଲକାନଗିରି ଜିଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟା ନେଇ ଅବଗତ କରାଇ ଦାବିପତ୍ର ଦେଲେ ଦେଇଛନ୍ତି ପୌର ପରିଷଦରେ କାର୍ଯ୍ୟରତ ସ୍ୱଚ୍ଛ ସାଥୀ କର୍ମଚାରୀ । ମାଲକାନଗିରି ପୌର ପରିଷଦରେ କାର୍ଯ୍ୟରତ ଥିବା ସ୍ୱଚ୍ଛ ସାଥୀ କର୍ମଚାରୀମାନେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲେ ମଧ ସେମାନଙ୍କ ଦାବି ପୂରଣ କରାଯାଉନାହିଁ। ସେମାନେ ସକାଳ ୭ଟାରୁ ଘରୁ ବାହାରି ସହରରେ ସ୍ୱଚ୍ଛତା କାର୍ଯ୍ୟ ତଦାରଖ କରୁଛନ୍ତି । ପ୍ରତେକ ସ୍ୱଚ୍ଛସାଥୀ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଘରୁ ୟୁଜର ଫି ଆଦାୟ କରୁଛନ୍ତି । ସେମାନେ ମାସିକ ମାତ୍ର ୪୦୦୦ ଟଙ୍କା ଦରମାରେ ଏହି କାର୍ଯ୍ୟ କରୁଛନ୍ତି। ନିଜ ଚାକିରିକୁ ସ୍ଥାୟୀ କରିବା ସହ ଦରମା ବୃଦ୍ଧି କରିବା ଓ ସରକାରୀ ସୁବିଧା ଯୋଗାଇବାକୁ ଦାବି କରି ସ୍ୱଚ୍ଛ ସାଥୀମାନେ ମାଲକାନଗିରି ଜିଲାପାଳ ବିଶାଳ ସିଂଙ୍କୁ ଦାବିପତ୍ର ଦେଇଛନ୍ତି । ଦାବି ପୂରଣ ନହେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ମହିଳା, ବାଳିକା ହିଂସା ବିରୋଧୀ ପକ୍ଷ ପାଳନ

ମାଲକାନଗିରି,୯ା୧୨(ଡି.ଏନ.ଏ.)

ବର୍ତ୍ତମାନ ସମାଜରେ ନାରୀ ନିର୍ଯାତନା, ଝିଅପୁଅ ମଧ୍ୟରେ ପ୍ରଭେଦ ଯେପରି ବଢି ଚାଲିଛି ତାହାକୁ ରୋକିବାଲାଗି ସଚେତନତା କାର୍ଯ୍ୟକ୍ରମର ଅନେକ ଆବଶ୍ୟକତା ରହିଛି। ହିଂସାମୁକ୍ତ ମହିଳା ସମାଜ ଗଠନ ଓ ମହିଳାଙ୍କୁ ସମାନ ଅଧିକାର, ସ୍ୱାଧୀନତା, ସମ୍ମାନର ଅଧିକାରିଣୀ ଏବଂ ସର୍ବୋପରି ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କୁ ସୁଯୋଗ ଦେବା ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟ କରାଯାଉଛି। ଏହାସତ୍ତ୍ୱେ ଅନେକ ପରିବାରରେ ମହିଳା ଓ ବାଳିକାମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି। ଏହି ଅନ୍ୟାୟକୁ ବିରୋଧ କରିବା ପାଇଁ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ସମାଜ ମଙ୍ଗଳ ଅଧିକାରିଣୀ ଅନୁରାଧା ମହାନ୍ତିଙ୍କ ଅଧକ୍ଷତାରେ ସକ୍ଷୀ ପକ୍ଷରୁ ମହିଳା ଓ ବାଳିକା ହିଂସା ବିରୋଧୀ ପକ୍ଷ ପାଳନ କରାଯାଇଥିଲା । ଏଥିରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ଓ ଝିଅଝିଅଙ୍କ ମଧ୍ୟରେ ଦେଖାଯାଉଥିବା ହିଂସା ପ୍ରତିହତ କରି ଏକ ହିଂସାମୁକ୍ତ ସମାଜ ଗଠନ ପାଇଁ ସଚେତନତା କରାଯାଇଥିଲା। ଏଥିସହ ମହିଳା ଓ ଶିଶୁ ହିଂସା ସମୟରେ ବ୍ୟବହୃତ ହେଲ୍ପ ଲାଇନ ନମ୍ବରଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ସମାଜ ସୁରକ୍ଷା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ଶ୍ରମ ଅଧିକାରୀ, ମାଲକାନଗିରି ମହିଳା ମହାବିଦ୍ୟାଳୟର ଅଧାପିକା, ପ୍ରତି ବ୍ଲକର ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଏକ ହିଂସାମୁକ୍ତ ମହିଳା ସମାଜ ଗଠନ ପାଇଁ ଶପଥ ପାଠ କରିଥିଲେ ।


ମହିଳା, ବାଳିକା ହିଂସା ବିରୋଧୀ ପକ୍ଷ ପାଳନ ଅବସରରେ ଏକାଠି ହୋଇଥିବା ମହିଳାମାନେ ।

# ନିମ୍ନମାନର ରାସ୍ତା କାମକୁ ପୁଣି ବିରୋଧକଲେ ଗ୍ରାମବାସୀ

ଦଶମନ୍ତପୁର,୯ା୧୨ (ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁରରେ ନିମ୍ନମାନର ରାସ୍ତା ନିର୍ମାଣକୁ ମୁର୍କାର ପଞ୍ଚାୟତ ଗାଦିଖାଲ ଗ୍ରାମବାସୀ ବିରୋଧ କରିଛନ୍ତି। ଦଶମନ୍ତପୁର ପଞ୍ଚାୟତ ବାଣୁଆଗୁଡା ପିଡଗୁଡି ରାସ୍ତାରୁ ମୁଣ୍ଡାଖୋଲା ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଛି। ୭ କି.ମି. ଦୂରତା ବିଶିଷ୍ଟ ଏହି ରାସ୍ତାରେ ବାଣୁଆଗୁଡା, ଗାଦିଖାଲ, ଡୁଡିଖୋଲା, ମୁଣ୍ଡାଖୋଲା, ମୁର୍କାର ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ବହୁ ଦାବି ପରେ ସରକାର ଏହି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ଲାଗି ୫ କୋଟି ୨୮ ଲକ୍ଷ ୨୯ ହଜାର ୫୭୩ ଟଙ୍କା ମଞ୍ଜୁର କରିଥିଲେ। ଏହି କାର୍ଯ୍ୟକୁ ଗୁପ୍ତେଶ୍ୱର କନଷ୍ଟ୍ରକ୍ସନ କରୁଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖ ଦାୟିତ୍ୱରେ ଥିଲା। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାରୁ ପିଚୁ ଉଠିଗଲାଣି। ଶୃଙ୍ଖଳା ଚିପିସ ଉପରେ ଅଳ୍ପ ପିଚୁ ଦେଇ କାମ ହୋଇଛି। ପ୍ରଥମେ ଭଲ କାର୍ଯ୍ୟ ହେଉଥିବା ବେଳେ ପରବର୍ତ୍ତୀ ସମୟରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ନ ଆସିବା ଯାଏ ଆମେ କାମ କରାଇ ଦେବୁନାହିଁ ବୋଲି ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ହୁଇକାଙ୍କ ସମେତ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଦାର ଦାଶଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ସରକାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ ନେଇ କେତୋଟି ନିୟମ ଆସିଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତାରେ ପ୍ରଥମେ ଫାଇମର ତେଲ ଦେଲା ପରେ ଶୃଙ୍ଖଳା ଚିପିସ ଉପରେ ପିଚୁ ଢଳାଯିବ। ଭଜା ପିଚୁ ଦେଇ ରୋଲର୍ ମଡାଯିବ ବୋଲି ସେ କହିଛନ୍ତି। ତେବେ କିଛି ସମୟ ପରେ ଠିକାଦାର ଗ୍ରାମବାସୀ ସହ ଆଲୋଚନା କରି ପୁଣି କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି।


ଶୃଙ୍ଖଳା ଚିପିସ ଉପରେ ଢଳାଯାଇଥିବା ପିଚୁ।

# ସିନ୍ଧେକେଲା ଥାନାଧିକାରୀ ନିଲମ୍ବିତ

କଟକ ଅଫିସ,୯।୧୨

ଏକ ମାମଲାରୁ ନାଁ କାଟିଦେବାକୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗତ ରବିବାର ଗିରଫ ହୋଇଥିବା ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନାଧିକାରୀ ଆଲୋକ କୁମାର ବେହେରାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଏ ନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶିତ ହୋଇଛି। ନିଲମ୍ବନ ଆଦେଶ ଗିରଫ ତାରିଖରୁ ହିଁ କାର୍ଯ୍ୟକାରୀ ହେବ। ନିଲମ୍ବନ ଅବଧି ମଧ୍ୟରେ ସେ ବଲାଙ୍ଗୀର ଏସ୍‌ପିଙ୍କ ଶୃଙ୍ଖଳାଗତ ନିୟନ୍ତ୍ରଣରେ ରହିବେ ବୋଲି ନିର୍ଦ୍ଦେଶନାମାରେ ସୂଚନା ଦିଆଯାଇଛି। ଦୁର୍ନୀତି ନିବାରଣ ଆଇନ ୨୦୧୮ର ଧାରା ୭ ଅନୁଯାୟୀ ବେହେରାଙ୍କ ବିରୋଧରେ ଏହି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୨୦ ମସିହାର ଏକ ଟଙ୍କା ହେରଫେର ଘଟଣାରେ ମାମଲାରୁ ନାମ କାଟିଦେବାକୁ କହି ଅଜିତ କୁମାର ଘଡେଇ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଆଇଆଇସି ବେହେରା ଉକ୍ତ ଟଙ୍କା ନେଉଥିବାବେଳେ ବଲାଙ୍ଗୀର, ବରଗଡ ଏବଂ ସମ୍ବଲପୁରର ମିଳିତ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୪୧/୨୨) ରୁଜୁ ହୋଇଥିଲା।

**ସମ୍ବଲପୁର ଭିଜିଲାନ୍ସ ମାମଲା**

# ଦୋଷୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ମାମଲା

ସୋନପୁର,୯।୧୨(ନି.ପ୍ର.)

ସୁବର୍ଣ୍ଣପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି । ଜଜ୍ ପୂର୍ଣ୍ଣିମା ଜେନା ଏହାର ବିଚାର କରି ଦୋଷୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ସହିତ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜଣକ ହେଲେ ସୋନପୁର ଥାନା ବଡଝିଙ୍କି ଗ୍ରାମର ଯୁବକ ହୃଷିକେଶ ମହାନନ୍ଦ। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଡିସେମ୍ବର ୧୬ ତାରିଖ ଅପରାହ୍ନରେ ପୀଡିତା ନାବାଳିକା ଜଣକ ଘର ପାଖ ପଡିଆକୁ ଶୌଚ ପାଇଁ ଯାଇଥିଲେ । ହୃଷୀକେଶ ସେଠାରେ ପହଞ୍ଚି ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ମହିଳା ଏହାର ପ୍ରତିବାଦ କରିବାରୁ ହୃଷିକେଶ ସେମାନଙ୍କୁ ମାଡ ମାରିଥିଲେ। ଏ ସଂକ୍ରାନ୍ତରେ ପୀଡିତାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାରେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉକ୍ତ ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦଶରଥ ମାହାନା ପରିଚାଳନା କରୁଥିଲେ ।

# ୮ ପୋଲିସ ଅଧିକାରୀଙ୍କୁ ଆଇଆଇସି ପଦୋନ୍ନତି

କଟକ ଅଫିସ,୯।୧୨

ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ୮ ଜଣ ପୋଲିସ ଅଧିକାରୀଙ୍କୁ ଆଇଆଇସି ଭାବେ ପଦୋନ୍ନତି ଦିଆଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀଙ୍କୁ ବଦଳି କରାଯାଇ ନୂତନ ଥାନାରେ ନିଯୁକ୍ତି ଦିଆଯାଇଛି। ମନୋରଞ୍ଜନ ପରିଡ଼ାଙ୍କୁ ପୁରୀ, ସମରଜିତ୍ ନାୟକଙ୍କୁ ଢେଙ୍କାନାଳରୁ ଯାଜପୁର, ସୁନୀଲ କୁମାର ପ୍ରଧାନଙ୍କୁ ଗଞ୍ଜାମରୁ ନବରଙ୍ଗପୁର, ଧୀରେନ୍ଦ୍ର କୁମାର ସ୍ୱାଇଁଙ୍କୁ ଢେଙ୍କାନାଳରୁ ସମ୍ବଲପୁର, ସୁଶାନ୍ତ କୁମାର ପ୍ରଧାନଙ୍କୁ ଗଞ୍ଜାମରୁ ସୁବର୍ଣ୍ଣପୁର, ସନ୍ତୋଷ କୁମାର ଜେନାଙ୍କୁ ପୋଲିସ କମିଶନରେଟ, ସୁଚନ୍ଦ୍ରା ମହାଳିକଙ୍କୁ ବାଲେଶ୍ୱରରୁ ମୟୂରଭଞ୍ଜ ଓ ଅରୁଣ କୁମାର ଖିଲାରଙ୍କୁ ପୋଲିସ କମିଶନରେଟରୁ ଅନୁଗୋଳରେ ନିଯୁକ୍ତି ଦିଆଯାଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ଅଭିନନ୍ଦନ
ରାଜ୍ୟର ପ୍ରତିଷ୍ଠିତ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ । ଧରିତ୍ରୀର ଭବିଷ୍ୟତ ଏହିଭଳି ଉଜ୍ଜ୍ୱଳମୟ ହୋଇ ଚାଲୁଥାଉ ମା' ଜଗତ୍‌ଜନନୀ ଯୋଗମାୟାଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ।

ତ୍ରିଲୋଚନ ରାଉତ
ଯୁବନେତା, ରଘୁନାଥପୁର
ସମ୍ପାଦକ-ପଟିଆ ଜୋନ୍ ଟାଉନବସ ମାଲିକ ସଂଘ

ଅଭିନନ୍ଦନ
କାହାକୁ ଭୟ କରୁ ନ ଥିବା ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା । ଆସନ୍ତୁ ସମସ୍ତେ ମିଳିମିଶି ଗାଁର ବିକାଶକୁ ଆଉ ଦୁଇପାଦ ଆଗେଇନେବା ।

ସୁନୀଲ କୁମାର ଜେନା
ଯୁବନେତା, ରଘୁନାଥପୁର, ନ୍ୟୁ ଭୁବନେଶ୍ୱର

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକାପାଠକ ଓ ନୀଳକଣ୍ଠେଶ୍ୱର ମନ୍ଦିର ଟ୍ରଷ୍ଟର ସମସ୍ତଙ୍କୁ ଅଭିନନ୍ଦନ ।

ରବିନ୍ଦ୍ର ପାତ୍ର
ସମାଜସେବୀ,ପଟିଆଗଡ, ଟ୍ରଷ୍ଟି-ନୀଳକଣ୍ଠେଶ୍ୱର ମନ୍ଦିର,ପଟିଆ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ଅଭିନନ୍ଦନ, ଶୁଭକାମନା ଓ ଶୁଭେଚ୍ଛା ।

ତ୍ରିଲୋଚନ ନାୟକ
ଏସଡିଓ,ଗ୍ରାମ୍ୟ ଉନ୍ନୟନ ବିଭାଗ,ଭୁବନେଶ୍ୱର ସର୍କଲ

ଅଭିନନ୍ଦନ
ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ଧରିତ୍ରୀ ପରିବାର ସମେତ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ।

ଅଭୟ କୁମାର ସ୍ୱାଇଁ
ଯୁବ ସମାଜସେବୀ,ଲିଙ୍ଗରାଜ ବିହାର,ପୋଖରୀପୁଟ,ଭୁବନେଶ୍ୱର

ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ସମେତ ରଘୁନାଥପୁର ପଞ୍ଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

ଅଜୟ କୁମାର ବେହେରା
ଯୁବନେତା, ପୂର୍ବତନ ସରପଞ୍ଚ, ରଘୁନାଥପୁର ଗ୍ରାମପଞ୍ଚାୟତ
ଉପସଭାପତି, ବାବା ସୋମନାଥ ସେନା,ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଅଗଣିତ ପାଠିକା ପାଠକମାନଙ୍କୁ ଅଭିନନ୍ଦନ ଓ ନରାଜ ମାର୍ଥାପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।

ଗୀତାଞ୍ଜଳି ସାହୁ
ନାରୀ ନେତ୍ରୀ, ସରପଞ୍ଚ,
ନରାଜ ମାର୍ଥାପୁର ଗ୍ରାମପଞ୍ଚାୟତ, ବାରଙ୍ଗ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ସମେତ ବାଲିପଡା ଗ୍ରାମବାସୀ ଓ ୫ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

ଧୁଷାସନ ମାଝୀ
ସମ୍ପାଦକ,ବାଲିପଡା ଗ୍ରାମ୍ୟ କମିଟି,
ବରିଷ୍ଠ ସଦସ୍ୟ ବାବା ସୋମନାଥ ସେନା,ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରକୁ ବହୁତ ବହୁତ ଶୁଭକାମନା ଓ ଶୁଭେଚ୍ଛା ।

ଅମୁଲ୍ୟ ମହାରଣା
ଦାଡାପାଟଣା, ଯୁବ ଉଦ୍ୟୋଗୀ ତଥା
ବରିଷ୍ଠ ସଦସ୍ୟ ବାବା ସୋମନାଥ ସେନା,ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
କାହାକୁ ଭୟ କରୁ ନ ଥିବା ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ସହ କଲ୍ୟାଣପୁର ପଞ୍ଚାୟତବାସୀଙ୍କୁ ଅଭିନନ୍ଦନ ।

କିଶୋର ରାଉତ
କଲ୍ୟାଣପୁର, ସହସମ୍ପାଦକ,ବାବା ସୋମନାଥ ସେନା,
ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାର ଓ ପଟିଆଗଡର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

ଚିତରଞ୍ଜନ ପାତ୍ର
ଯୁବ ନେତା, ସଭାପତି, ଗ୍ରାମ ମଙ୍ଗଳ ସମିତି, ପଟିଆଗଡ

ଅଭିନନ୍ଦନ
ନିର୍ଭୀକ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ସମେତ ସମସ୍ତ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ।

କମଳାକାନ୍ତ ସାସମଲ
ଯୁବ ନେତା, ରଘୁନାଥପୁର
ସଦସ୍ୟ-ବାବା ସୋମନାଥ ସେନା,ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ଧରିତ୍ରୀ ପରିବାର ସମେତ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ।

ବିପନ ରାଉତ
ହୋଟେଲ ହିନ୍ଦୁସ୍ଥାନୀ,ନନ୍ଦନକାନନ ରୋଡ,ରଘୁନାଥପୁର

ଅଭିନନ୍ଦନ

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ସମେତ ବାରଙ୍ଗ ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

ମଣ୍ଟୁ ମାଝୀ
ଯୁବ ନେତା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି, ବାରଙ୍ଗ ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ପାଠକ ପାଠିକା ଓ ସମସ୍ତ ଶୁଭେଚ୍ଛୁଙ୍କୁ ଅଭିନନ୍ଦନ, ଶୁଭକାମନା ଓ ଶୁଭେଚ୍ଛା ।

ପ୍ରଦୀପ୍ତ ଜେନା
ବାଲିପଡା
ସଦସ୍ୟ-ବାବା ସୋମନାଥ ସେନା,ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ପାଠକ ପାଠିକା ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ, ଶୁଭକାମନା ଓ ଶୁଭେଚ୍ଛା ।
ଜି.ଏଫ.ଖାନ
ନିରାପତ୍ତା ବନାଞ୍ଚଳ (ରେଞ୍ଜର), ନନ୍ଦନକାନନ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକ ପାଠିକା ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

ମାଗା ସାହୁ
ଢାଓ୍ୱା, ଉପଦେଷ୍ଟା- ବାବା ସୋମନାଥ ସେନା, ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଦୈନିକ ଖବରକାଗଜ ଅତି ଲୋକପ୍ରିୟ ଧରିତ୍ରୀର ୪୯ତମ ବାର୍ଷିକୋତ୍ସବ ଅବସରରେ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଶୁଭେଚ୍ଛା ଓ ଶୁଭକାମନା ।

ଗୁରୁ ଚରଣ ରାଉତ
ଯୁବନେତା, ଉପସଭାପତି ବାବା ସୋମନାଥ ସେନା,ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକ ପାଠିକା ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ, ଶୁଭକାମନା ଓ ଶୁଭେଚ୍ଛା ।

ପ୍ରମୋଦ ପ୍ରଧାନ
ଓସ୍ତପଡା, ଭୁବନେଶ୍ୱର ବ୍ଲକ,
ବରିଷ୍ଠ ସଦସ୍ୟ ଶ୍ରୀ ଶ୍ରୀ ସୋମନାଥ ଦେବ ମହାଯଜ୍ଞ କମିଟି

ଅଭିନନ୍ଦନ
ଦୈନିକ ନିରପେକ୍ଷ ଓ ନିର୍ଭୀକ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ସମେତ ଦାରୁଠେଙ୍ଗ ପଞ୍ଚାୟତର ସମସ୍ତଙ୍କୁ ଅଭିନନ୍ଦନ ।

ପ୍ରଶାନ୍ତ କୁମାର ରାଉତରାୟ (ଗୁଡୁରାଜ)
ଯୁବନେତା, ପୂର୍ବତନ ସରପଞ୍ଚ, ଦାରୁଠେଙ୍ଗ ଗ୍ରାମପଞ୍ଚାୟତ
ଭୁବନେଶ୍ୱର ବ୍ଲକ

ଅଭିନନ୍ଦନ
ନିରପେକ୍ଷ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ସମେତ ମେଣ୍ଢାଶାଳ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

କୌଶଲ୍ୟା ବଳିୟାରସିଂହ
ନାରୀ ନେତ୍ରୀ, ସରପଞ୍ଚ, ମେଣ୍ଢାଶାଳ ଗ୍ରାମପଞ୍ଚାୟତ, ଭୁବନେଶ୍ୱର ବ୍ଲକ

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକ ପାଠିକା ଓ ଶୁଭେଚ୍ଛୁମାନଙ୍କୁ ଅଭିନନ୍ଦନ, ଶୁଭକାମନା ଓ ଶୁଭେଚ୍ଛା ।
ପବିତ୍ର ମୋହନ ସାହୁ
ଫକିରପଡା, ବାରଙ୍ଗ

ଅଭିନନ୍ଦନ
ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାର ଓ କ୍ଲବର ସମସ୍ତ ସଦସ୍ୟମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ମଙ୍ଗରାଜ ହାତୀ
ସମ୍ପାଦକ,ସାଇନିଂ ଷ୍ଟାର କ୍ଲବ,ଗଣ୍ଡରପୁର,ଭୁବନେଶ୍ୱର ଉତ୍ତର

ଅଭିନନ୍ଦନ
ନିର୍ଭୀକ ଓ ନିରପେକ୍ଷ ଖବରକାଗଜ ଧରିତ୍ରୀ ଏମିତି ସବୁବେଳେ ଆଗେଇ ଚାଲିଥାଉ ପ୍ରଭୁ ସୋମନାଥଙ୍କ ଚରଣାରବିନ୍ଦରେ ଏତିକି ପ୍ରାର୍ଥନା । ଏହି ଅବସରରେ ଇଞ୍ଜଣା ଗ୍ରାମବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।

ପ୍ରଦୀପ କୁମାର ଦାସ
ସଭାପତି ଇଞ୍ଜଣା ଗ୍ରାମ ମଙ୍ଗଳ କମିଟି
ଉପସଭାପତି-ବାବା ସୋମନାଥ ସେନା,ଭୁବନେଶ୍ୱର ଉତ୍ତର

